# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th April - 2024

### News Editor : *Tapan Kumar Moharana*

*********************************

***BBSR/R***

## ଶ୍ରମିକ - କାର୍ଯ୍ୟ ସମୟ ନିର୍ଘଣ୍ଟ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକଙ୍କ ପାଇଁ କାର୍ଯ୍ୟସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି । ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ କରିପାରିବେ ନାହିଁ । ଏବେଠାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ । ସବୁ ଜିଲ୍ଲାର ଜିଲ୍ଲାପାଳ, ରାଜସ୍ୱ କମିଶନର ଓ ରାଜ୍ୟ ଶ୍ରମ କମିଶନର୍‌ଙ୍କୁ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି । କୌଣସି ଜରୁରୀ କିମ୍ବା ଅତ୍ୟାବଶ୍ୟକ ସେବା ସହ ଜଡ଼ିତ କାର୍ଯ୍ୟରେ ନିଯୁକ୍ତିଦାତାମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

*Desk*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୩ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ସହ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଥିଲା । ୨୫ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ୧୦ଟି ସହରରେ ୪୨ ଡିଗ୍ରୀ ଉପରେ ଥିଲା । ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଦଶମିକ ୬ ଡିଗ୍ରୀ ଥିବାବେଳେ ତାଳଚେରରେ ୪୨ ଦଶମିକ ୪, ମାଲକାନଗିରି ଓ ବୌଦ୍ଧରେ ୪୨ ଦଶମିକ ୨, ଅନୁଗୁଳରେ ୪୨ ଦଶମିକ ୧, ଝାରସୁଗୁଡ଼ା, ଟିଟିଲାଗଡ଼ ଓ ନୟାଗଡ଼ରେ ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଛି ।

ଅସନ୍ତା ଦୁଇ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ତେବେ ଦୁଇ ତିନି ଦିନ ପରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ବିଦ୍ୟାଳୟ - ଖୋର୍ଦ୍ଧା ଜିଲ୍ଲା

ଗ୍ରୀଷ୍ମ ଲହରୀ ଜାରି ରହିଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟଗୁଡ଼ିକ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ସରକାରୀ, ଘରୋଇ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ସେହିପରି ଜିଲ୍ଲାର ସବୁ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ମଧ୍ୟ ସକାଳ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଖୋଲିବାକୁ କୁହାଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ନିର୍ଘଣ୍ଟ ଜାରି ରହିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

*Desk*

# ବି.ଜେ.ଡି. ପ୍ରାର୍ଥୀ ଘୋଷଣା

ବିଜେଡ଼ି ପକ୍ଷରୁ ଗତକାଲି ତୃତୀୟ ପର୍ଯ୍ୟାୟରେ ୯ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବାରବାଟୀ କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଜୟଦେବ ଆସନରୁ ନବକିଶୋର ମଲ୍ଲିକ୍, ସାଲେପୁରରୁ ପ୍ରଶାନ୍ତ ବେହେରା, ବାଲେଶ୍ୱରରୁ ସ୍ୱରୂପ ଦାସ, ରାଇରଙ୍ଗପୁରରୁ ରାଇସିଙ୍ଗ ମୁର୍ମୁ, କେନ୍ଦୁଝରରୁ ମୀନା ମାଝୀ, ବୀରମିତ୍ରପୁରରୁ ରୋହିତ୍ ଯୋସେଫ ତିର୍କୀ, ରାଉରକେଲାରୁ

ସାରଦା ନାୟକ ଏବଂ ରେଙ୍ଗାଲିରୁ ସୁଦର୍ଶନ ହରିପାଲଙ୍କ ନାମ ଘୋଷଣା କରାଯାଇଛି ।

*Sambalapur/R*

# ନିର୍ବାଚନ ସମୀକ୍ଷା ବୈଠକ

ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗତକାଲି ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଅତିରିକ୍ତ ନିର୍ବାଚନ କମିଶନର ଏନ୍. ତିରୁମାଲା ନାୟକ ସମ୍ବଲପୁର ଜିଲ୍ଲାର ସମସ୍ତ ରିଟର୍ଣ୍ଣିଂ ଅଫିସର ଓ ପୁଲିସ୍ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି । ନିର୍ବାଚନ ଆଦର୍ଶ ଆଚରଣ ବିଧି ପାଳନ କରିବା, ପୋଷ୍ଟାଲ୍ ବାଲାଟ୍‌ରେ ଭୋଟଦାନ, ବୟସ୍କ ଭୋଟର୍ କିଭଳି ଘରୁ ଭୋଟ୍ ଦେଇପାରିବେ, ସେ ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇଛି ।

*Desk, BBSR/R*

# ଜିଲ୍ଲାପାଳ ନିଯୁକ୍ତ

କଟକ ଜିଲ୍ଲାପାଳ ଭାବେ ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅରିନ୍ଦମ୍ ଡାକୁଆଙ୍କୁ ନିଯୁକ୍ତି ଦିଆଯାଇଛି। ଏହାପୂର୍ବରୁ ସେ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଥିଲେ। ସେହିପରି ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅନୁପମ ସାହାଙ୍କୁ ଜଗତ୍‌ସିଂହପୁର ଜିଲ୍ଲାପାଳ ଭାବେ

ଅବସ୍ଥାପିତ କରାଯାଇଛି। ସେ ପୂର୍ବରୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ୨୦୧୧ ବ୍ୟାଚ୍ ଆଇ.ଏ.ଏସ୍. ଅଫିସର ସମର୍ଥ ବର୍ମାଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ୨୦୧୮ ବ୍ୟାଚ୍ ଆଇ.ଏ.ଏସ୍. ଅଫିସର ଶୁଭଙ୍କର ମହାପାତ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ କରାଯାଇଛି ।

ରାଜ୍ୟରେ ଦୁଇଜଣ ଆରକ୍ଷୀ ଅଧୀକ୍ଷକ ଓ ଜଣେ ଡିସିପିଙ୍କୁ  ନିର୍ବାଚନ କମିଶନ୍ ନିଯୁକ୍ତି ଦେଇଛନ୍ତି। ଆଇପିଏସ୍ ଅଧିକାରୀ ପ୍ରକାଶ ଆର୍‌ଙ୍କୁ କଟକର ନୂଆ ଡିସିପି ଭାବେ ନିଯୁକ୍ତି ମିଳିଛି। ସେହିପରି ବ୍ରିଜେଶ ରାୟଙ୍କୁ ରାଉରକେଲା ଏବଂ ଡ. ଉମାଶଙ୍କର ଦାସଙ୍କୁ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି।

କେନ୍ଦ୍ରାଞ୍ଚଳ ଆଇ.ଜି. ଭାବେ ସଞ୍ଜୟ କୁମାର କୌଶଲଙ୍କୁ ନିଯୁକ୍ତି ମିଳିଛି । ସେ ଆଶିଷ ସିଂହଙ୍କ ସ୍ଥାନରେ ଦାୟିତ୍ୱ ନେବେ ।

***Desk***

# +୨ - ମୂଲ୍ୟାୟନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ - ସି.ଏଚ୍.ଏସ୍.ସି. ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଖାତା ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହେଉଛି । ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ୪ରୁ ଆରମ୍ଭ ହେବାର ଥିଲା । ହେଲେ ପ୍ରଥମ ପର୍ଯ୍ୟାୟ

ଖାତାଦେଖାରେ ଛୁଟି ପଡ଼ିବାରୁ ଦୁଇ ଦିନ ବିଳମ୍ବ ଘଟିଛି । ତେବେ ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ଶେଷ ହୋଇ ମଇ ମାସ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

***Desk***

## ଆର୍.ବି.ଆଇ. - ରେପୋ ରେଟ୍

ଭାରତର ରିଜର୍ଭ ବ୍ୟାଙ୍କ୍ - ଆର୍.ବି.ଆଇ. ଗତକାଲି କ୍ରମାଗତ ସପ୍ତମ ଥରପାଇଁ ରେପୋ ରେଟ୍‌କୁ ୬ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିବା ଆଶଙ୍କା ନେଇ ରିଜର୍ଭ ବ୍ୟାଙ୍କ୍ ସତର୍କ ରହିଥିବା କହିଛି । ୨୦୨୨ ମଇରୁ ରେପୋ ରେଟ୍ କ୍ରମାଗତ ୬ ଥରରେ ୨୫୦ ବେସିସ୍ ପଏଣ୍ଟ୍ ବୃଦ୍ଧି ପାଇଥିଲା । ଏହାପରେ ଗତବର୍ଷ ଏପ୍ରିଲ୍‌ରୁ ଏହି ହାର ଅପରିବର୍ତ୍ତିତ ରହିଛି ।

*****